# ପ୍ରେସ ଇସ୍ତାହାର  -   ବଲାଙ୍ଗିର ରେ ମା,ନବଜାତଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ଜିଲ୍ଲା ସ୍ତରୀୟ ଗଣମାଧ୍ୟମ କର୍ମଶାଳା

ବଲାଙ୍ଗିର  - ୨୭ .୮ – ମାତୃ ଓ ଶିଶୁ ମୃତ୍ୟୁହାର ରେ ଓଡିଶା ର ସ୍ଥିତି କୁ ବଦଳେଇବାକୁ ହେଲେ ଗଣମାଧ୍ୟମ ସହ ସମସ୍ତ ନାଗରିକ ଓ ସେବା ପ୍ରଦାନକାରିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ବପୂର୍ଣ ତଥା ସ୍ୱାସ୍ଥ୍ୟ ସେବା ର ପରିବର୍ତନ ଆସିବାକୁ ହେଲେ ଗଣମାଧ୍ୟମ ର ଭୂମିକା ତଥା ଜନସାଧାରଣଙ୍କ ସଚେତନତା ଅତ୍ୟନ୍ତ ଆବଶ୍ୟକ ବୋଲି ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷ ବିମଲ ପ୍ରଧାନୀ ପିକକ ଏବଂ ୟୁନିସେଫ ପକ୍ଷ୍ୟରୁ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ । ଏହି କର୍ମଶାଳାରେ ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ ଏମ .ମୁଥୁକୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମ ର ଭୂମିକା ଯେକୌଣସି ଉନ୍ନୟନ କାର୍ଯ୍ୟକ୍ରମ ର ସଫଳତା ପାଇଁ ଅତ୍ୟନ୍ତ ପ୍ରୟୋଜନ । ଗଣମାଧ୍ୟମ ଲୋକମାନଙ୍କର ସମସ୍ୟା ଯେ କେବଳ ସାମ୍ନା କୁ ଆଣିବ ସେ କଥା ସହ ଜନସାଧାରଣ ଙ୍କ ପାଖରେ ସଚେତନତାର ବାର୍ତା ପହଁଚେଇବାରେ ଏକ ଗୁରୁତ୍ୱପୂର୍ଣ ଭୂମିକା ନେଇ ପାରିବ ବୋଲି ଜିଲ୍ଲାପାଳ ମତ ରଖିଥିଲେ । ତଥା ଗୋଟେ ସୁସ୍ଥ ଶିଶୁ ପାଇବାକୁ ହେଲେ ଜଣେ ସୁସ୍ଥ ମା ଓ ସୁସ୍ଥ ପରିବେଶ ର ଆବଶ୍ୟକତା ଅଛି ଏଥିପାଇଁ ସଚେତନତାରେ ଆବଶ୍ୟକ ଯେଉଁଥିରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ନେଇ ପାରିବ । ସରକାରୀ କାର୍ଯ୍ୟକ୍ରମ କିଭଳି ଲୋକଙ୍କ ପାଖରେ ପହ୍ନାଚିବ ଏଥିପାଇଁ ଗଣମାଧ୍ୟମ,ସ୍ୱେଚ୍ଛାସେବୀ ସଙ୍ଗଠନ , ସରକାରୀ ସେବା ପ୍ରଦାନକାରୀ ସମସ୍ତେ ଏକାଠି ଉଦ୍ୟମ କରିବା ଆବଶ୍ୟକ ।

ବଲାଙ୍ଗିର ଜିଲ୍ଲାର ଡି ଆର ଡି ଏ ର ସମ୍ମିଳନୀ ଗୃହରେ ମା, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ଗଣମାଧ୍ୟମ କର୍ମଶାଳା ସ୍ୱେଚ୍ଛାସେବୀ ସଂସ୍ଥା ପିପୁଲ୍ସ କଲ୍ଚରାଲ ସେଣ୍ଟର,(ପିକକ),ନେସନଲ ସେଣ୍ଟର ଫର ଚାଇଲ୍ଡ ରାଇଟସ ଓ ୟୁନିସେଫ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କର୍ମଶାଳାରେ ପିକକ ର ସମ୍ପାଦକ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିବା ସହ , ଏହି କର୍ମଶାଳାର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ତଥା ସରକାରଙ୍କ ଯୋଜନା ଲୋକଙ୍କ ପାଖରେ କିଭଳି ସହଜରେ ପହଞ୍ଚିପାରିବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ ବୋଲି ମତ ରଖିଥିଲେ । ୟୁନିସେଫ ର ସ୍ୱାସ୍ଥ୍ୟ ବିଶେଷଜ୍ଞ୍ୟ ଡ .ଆଶିଷ ସେନ ରାଜ୍ୟର ତଥା ବଲାଙ୍ଗିର ଜିଲ୍ଲାର ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ସଂକ୍ରାନ୍ତ ରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୧୨ – ୨୦୧୩ ତଥ୍ୟ ଅନୁଯାୟୀ ରାଜ୍ୟ ରେ ଶିଶୁ ମୃତ୍ୟୁ ହାର ପ୍ରତି ହଜାରରେ ୫୬ ଥିଲାବେଳେ ବଲାଙ୍ଗିର ଜିଲ୍ଲାରେ ୯୭ ଓ ରାଜ୍ୟରେ ମାତୃ ମୃତ୍ୟୁ ହାର ପ୍ରତି ଲକ୍ଷ୍ୟରେ ୨୩୦ ଥିବାବେଳେ ଉତ୍ତରାଞ୍ଚଳ [ ବରଗଡ,ଝାରସୁଗୁଡା,ସମ୍ବଲପୁର,ଦେଓଗଡ ,ସୁନ୍ଦରଗଡ ,କେଉଁଝର ,ବଲାଙ୍ଗିର , ଅନୁଗୁଳ ,ଢେଙ୍କାନାଳ ] ରେ ୨୩୪ ଏହି ହାର ରହିଛି । ନବଜାତ ଶିଶୁ ମୃତ୍ୟୁ ହାର ରାଜ୍ୟରେ ୩୭ ଥିବାବେଳେ ବଲାଙ୍ଗିର ଜିଲ୍ଲାରେ ସର୍ବାଧିକ ପ୍ରତି ହଜାରରେ ୭୧ ଜଣ ଶିଶୁ ମୃତ୍ୟୁ ବରଣ କରୁଛନ୍ତି ।

ବଲାଙ୍ଗିର ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ରବିନାରାୟଣ ତ୍ରିପାଠୀ ଜିଲ୍ଲାର ସ୍ୱାସ୍ଥ୍ୟସେବା ଉପରେ ଆଲୋକପାତ କରିବା ସହ ଓ କିଭଳି ସମାଜରେ ମାନସିକତା ର ପରିବର୍ତନ ହେବ ଏଥିପାଇଁ ଆମେ ଚେଷ୍ଟା କରିବା ତଥା ଶିକ୍ଷା ହିଁ ଏ ପରିବର୍ତନ ଆଣି ପାରିବ ଏଥିପାଇଁ ଆମେ ସମସ୍ତେ ସହଯୋଗ ର ହାତ ବଢାଇବା। ଜିଲ୍ଲାର ଡି ପି ଏମ ଦିଲ୍ଲୀପ କୁମାର ଦୁବେ ଯୋଗଦେଇ ଜିଲ୍ଲାର ଏନ ଏଚ ଏମ ର ବିଭିନ୍ନ ଯୋଜନା ଉପରେ ଜଣାଇବା ସହ ତାର ସଫଳତା ଉପରେ ଆଲୋକପାତ କରିଥିଲେ ଓ ଆଗାମୀ ଦିନରେ ଗଣମାଧ୍ୟମ ର ସହଯୋଗ କାମନା କରିଥିଲେ । ଜିଲ୍ଲାର ଏ ଡି ଏମ ଓ [ଏଫ ଡବ୍ଲ୍ୟୁ ] ଡାଃ ସୁଜନେନ ମିଶ୍ର ଆର ଏମ ଏନ ସି ଏଚ ର ଲକ୍ଷ ଉଦେଶ୍ୟ ତଥା ବଲାଙ୍ଗିର ଜିଲ୍ଲାର ମା ଓ ଶିଶୁ ସ୍ୱାସ୍ଥ୍ୟ ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ ସହ , ସରକାରୀ ଯୋଜନା ଓ ବିଭିନ୍ନ ସଫଳ ଘଟଣା କୁ କିଭଳି ଗଣମାଧ୍ୟମ ପାଇ ପାରିବ ସେ ଦିଗରେ ସେମାନେ ଚେଷ୍ଟା କରିବେ ବୋଲି ମତଦେଇଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀ ଯତୀନ୍ଦ୍ର ଦାଶ କହିଥିଲେ ଗଣମାଧ୍ୟମ ବିଭିନ୍ନ ସମସ୍ୟାକୁ ଲୋକଙ୍କ ପାଖରୁ ଆଣିବା ଓ ଏହାକୁ ଜଣାଇବା , ବିଭିନ୍ନ ସ୍ଥାନରେ ଘଟୁଥିବା ବିଭିନ୍ନ ସଫଳତା ର ଘଟଣା କୁ ମଧ୍ୟ ଅନ୍ୟମାନଙ୍କୁ ଜଣାଇବାରେ ଏକ ପ୍ରମୁଖ ଭୂମିକା ନେବା ଆବଶ୍ୟକ ତଥା ଗଣମାଧ୍ୟମ ର ପ୍ରତିନିଧି ମାନେ ନିଜେ ମଧ୍ୟ ଅନେକ ସୂଚନା ସଂଗ୍ରହ କରିବା ଆବଶ୍ୟକ ଯାହାକି ଏକ ତଥ୍ୟ ଭିତିକ ସଂବାଦ ପରିବେଷଣ କରିବାରେ ସହାୟକ ହେବ । ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ବେହେରା ଯୋଗଦେଇ ଏହି କାର୍ଯ୍ୟକ୍ରମ କୁ ସ୍ୱାଗତ କରିବା ସହ ଏହା କୁ ତାଳସ୍ତରକୁ କିଭଳି ନେବା ସେଥିପାଇଁ ଚେଷ୍ଟା କରିବା ଦରକାର ।

ଗଣମାଧ୍ୟମ ପ୍ରତିନିଧୀମାନେ ବିଶେଷ ଭାବରେ ବିଭିନ୍ନ ବିଷୟ ଉପରେ ପ୍ରଶ୍ନ ଉଠେଇଥିଲେ ତଥା ଗଣମାଧ୍ୟମ କୁ ନିୟମିତ ସୂଚନା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଗଣମାଧ୍ୟମ ର ପ୍ରତିନିଧି ମାନେ ଜିଲ୍ଲାର ଏସ ଏନ ସି ୟୁ ଓ ପୋଷଣ ଥଇଥାନ କେନ୍ଦ୍ର ପରିଦର୍ଶନ କରି ସେଠିକାର କର୍ମଚାରୀ ମାନଙ୍କ ସହ ଆଲୋଚନା କରିବା ସହ ଏହାର ସଫଳତା ବିଷୟ ରେ ଜାଣିଥିଲେ ଓ ସେମାନଙ୍କ ମତାମତ ରଖିଥିଲେ । ଶେଷରେ ରାଜେନ୍ଦ୍ର ଯୁବକ ସଂଘ ର ଶ୍ରୀ ରାହୁଲ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । ଏହି କର୍ମଶାଳାକୁ ପିକକ ର ଡାଃ ଏମ ବଳିଆରସିଙ୍ଘ , ସୁନନ୍ଦା ବିସ୍ୱାଳ ଓ ଜ୍ୟୋତି ମହାପାତ୍ର ପରିଚାଳନା କରିଥିଲେ । ଗଣମାଧ୍ୟମ ବିଭିନ୍ନ ସମସ୍ୟା କୁ ଲୋକଲୋଚନ କୁ ଆଣିବା ସହ ଗଠନମୂଳକ ସମ୍ବାଦ ପରିବେଷଣ ପାଇଁ କହିଥିଲେ